# କାର୍ଯ୍ୟପାଳିକା ନିଷ୍କର୍ଷ



**୨x୪୫ କେ.ଏଲ.ପିଡି କ୍ଷମତାଯୁକ୍ତ ଗ୍ରେନ୍ ଭିତ୍ତିକ ଡିଷ୍ଟିଲେରୀ ୟୁନିଟ୍**

**୨x ୩.୦ ମେଗାୱାଟ୍ କୋଜେନେରେସନ ପାୱାର ପ୍ଲାଣ୍ଟ୍**

**୨ x ୭୭୦୦ କେସ୍/ଦିନର ଆଇଏମଏଫଏଲ/ଆଇଏମଆଇଏଲ ବଟଲିଂ ୟୁନିଟ୍**

# ଷ୍ଟାରଲାଇଟ୍ ଏନର୍ଜି ଲିମିଟେଡ

ଗ୍ରାମ- ଗୌଡ ସର୍ଗିଗୁଡା, ତହସିଲ - ଜୁନାଗଡ଼,

ଜିଲ୍ଲା - କଳାହାଣ୍ଡି.(ଓଡ଼ିଶା)


ଏନଭିରୋନମେଣ୍ଟ କଂସଲଟାଣ୍ଟ

ବରଦାନ ଏନଭିରନେଟ

ଡ଼-୧୪2, ସୁଶାନ୍ତ ଲୋକ-୩ ,ସେକ୍ଟର-୫୭ ,ଗୁରଗାଓଁ(ହରିୟଣା)

ଏମଆଇଲ: ବାର୍ଡନେଭିରୋ୧୬୫@ଜିମାଇଲ.କଂ

କଂଟେକ୍ଟ ନ. ୦୧୨୪-୪୨୯୧୦୩୬ ,୦୯୮୯୯୬୫୨୩୪୨ ,

୯୮୧୦୩୫୫୫୬୯

## କାର୍ଯ୍ୟପାଳିକା ନିଷ୍କର୍ଷ

### **୧.୦ ଉପକ୍ରମ**

ଅର୍ଥନୈତିକ ସ୍ଥିତି ଦୃଷ୍ଟିରୁ ଭାରତ ବିଶ୍ୱର ଚତୁର୍ଥ ବୃହତମ ସ୍ଥାନରେ ରହିଛି, ଏହାର ମୋଟ୍ ଘରୋଇ ଉତ୍ପାଦନ ବା ଜିଡିପି ଅଭିବୃଦ୍ଧି ହାର **୧୦** ବର୍ଷରୁ ଅଧିକ ସମୟ ଧରି **୭**%ରୁ ଅଧିକ ରହିଛି। ବିଶେଷଜ୍ଞମାନେ ଆଶା ପୋଷଣ କରିଛନ୍ତି ଯେ ଭାରତରେ ଏହାର ଶ୍ରମ ଓ ପୁଞ୍ଜି ଉତ୍ପାଦକତାରେ ଉନ୍ନତି ସହିତ ବର୍ତ୍ତମାନର ଅଭିବୃଦ୍ଧିର ହାର ଦୁଇଗୁଣିତ ହୋଇପାରିବାର ସମ୍ଭାବନା ରହିଛି। ଶିଳ୍ପ କ୍ଷେତ୍ରରେ ବିକାଶ ଶ୍ରମ ଓ ପୁଞ୍ଜି ଉତ୍ପାଦନରେ ଉନ୍ନତି ଆଣିବାରେ ବିଶେଷ ସହାୟକ ଭୂମିକା ଗ୍ରହଣ କରିଥାଏ। ଶିଳ୍ପ କ୍ଷେତ୍ରରେ ନିବେଶ ସମସ୍ତ ବଜାର ଅର୍ଥନୀତିରେ ଆର୍ଥିକ ଅଭିବୃଦ୍ଧିର ଏକ ସୂଚକାଙ୍କ ହୋଇଥାଏ।

ରସାୟନ ଶିଳ୍ପରେ ତଥା ସହଜରେ ନେବାଆଣିବା କରି ବ୍ୟବହାର କରିବା ପାଇଁ ଇଥାନଲ୍ ଏକ ମୌଳିକ ମୂଳବସ୍ତୁ ହୋଇଥାଏ ଏବଂ ଏହା ସଂପ୍ରତି ଇନ୍ଧନ ଭାବରେ ପେଟ୍ରୋଲରେ ବ୍ୟବହାର କରିବା ପାଇଁ ବ୍ୟବହୃତ ହେଉଛି। ଭବିଷ୍ୟତରେ ଇଥାନଲର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମେସର୍ସ ଷ୍ଟାରଲାଇଟ୍ ଏନର୍ଜି ଲିମିଟେଡ ଏକ **୨x୪୫** କେ.ଏଲ.ପିଡି କ୍ଷମତାଯୁକ୍ତ ଗ୍ରେନ୍ ଭିତ୍ତିକ ଡିଷ୍ଟିଲେରୀ ୟୁନିଟ୍ ସେଟ୍‌ଅପ୍ କରିବାକୁ ଯୋଜନା କରୁଛନ୍ତି। ଏହାର **୨x ୩.୦** ମେଗାୱାଟ୍ କୋଜେନେରେସନ ପାୱାର ପ୍ଲାଣ୍ଟ୍ ସହିତ **୨** x ୮୦୦୦ କେସ୍/ଦିନର ଆଇଏମଏଫଏଲ/ଆଇଏମଆଇଏଲ ବଟଲିଂ ୟୁନିଟ୍ ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ତହସିଲର ଗୌଡ ସର୍ଗିଗୁଡା ଗ୍ରାମରେ ସେଟ୍‌ଅପ୍ କରିବାକୁ ଯୋଜନା କରାଯାଉଛି। ପ୍ରଥମ ପର୍ଯ୍ୟାୟରେ କମ୍ପାନୀ ଏକ **୪୫** କେ.ଏଲ.ପିଡି ଶସ୍ୟଭିତ୍ତିକ ଡିଷ୍ଟିଲେରି ୟୁନିଟ୍ ଯାହାର **୩.୦** ମେଗାୱାଟ୍ କୋଜେନେରେସନ କ୍ଷମତା ରହିଛି ସେହି ପ୍ଲାଣ୍ଟ୍ ଏବଂ ୮୦୦୦ କେସ୍/ଦିବସର ଆଇଏମଆଇଆଲ ବଟଲିଂ ୟୁନିଟ୍ ସ୍ଥାପନ କରିବାକୁ ଯୋଜନା କରିଛି। ପର୍ଯ୍ୟାୟ **୧**ର କମିଶନିଂ ପରେ, ଏହି ପ୍ରକଳ୍ପର ପ୍ରମୋଟରବୃନ୍ଦ ଏକ **୪୫** କେ.ଏଲ.ପିଡି ଶସ୍ୟଭିତ୍ତିକ ଡିଷ୍ଟିଲେରି ୟୁନିଟ୍ ଯାହାର **୩.୦** ମେଗାୱାଟ୍ କୋଜେନେରେସନ କ୍ଷମତା ରହିଛି ସେହି ପ୍ଲାଣ୍ଟ୍ ଏବଂ ୮୦୦୦ କେସ୍/ ଦିବସର ଆଇଏମଆଇଆଲ ବଟଲିଂ ୟୁନିଟ୍ ଅନୁରୂପ ପ୍ରକଳ୍ପ ପର୍ଯ୍ୟାୟ **୨**ରେ କାର୍ଯ୍ୟକାରୀ କରିବେ।

ପରିବଶେ ଏବଂ ଜଂଗଲ ମନ୍ତ୍ରାଳୟର ବିଜ୍ଞପ୍ତି ଅନୁଯାୟୀ, ଭାରତ ସରକାରଙ୍କର ବିଜ୍ଞପ୍ତି ଦିନାଙ୍କିତ **୧୪**, ସେପ୍ଟେମ୍ବର, **୨୦୦୬** ଅନୁସାରେ, ଏହି ପ୍ରକଳ୍ପ ବର୍ଗ **୫** (ଜି) ଅଧିନରେ ଅନ୍ତର୍ଭୁକ୍ତ ହୋଇଛି। ଏହି ଶିଳ୍ପ ପରିବେଶ ଓ ଜଂଗଲ ମନ୍ତ୍ରାଳୟର ଇଏସିଙ୍କୁ ପରିବେଶ ଉପରେ ପ୍ରଭାବ ସମୀକ୍ଷା ପାଇଁ ଅଧ୍ୟୟନ ନିମନ୍ତେ ଦୃଷ୍ଟାନ୍ତ ସର୍ତ୍ତାବଳି ଅନୁମୋଦନ ପାଇଁ ଆବେଦନ କରିଛି ଏବଂ ସେମାନଙ୍କଠାରୁ ଅନୁମୋଦିତ ଦୃଷ୍ଟାନ୍ତ ସର୍ତ୍ତାବଳି ବା ଟିଓଆର୍ ପ୍ରାପ୍ତ କରିଛି।

## ୧.୧ ପଦ୍ଧତି

ପରିବେଶ ଉପରେ ପ୍ରଭାବ ସମୀକ୍ଷା ବା ଇଏଆଇ ଅଧ୍ୟୟନ ପାଇଁ ଗ୍ରହଣ କରାଯାଇଥିବା ପଦ୍ଧତି ଇଏସି ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଏବଂ ଟିଓଆର ଉପରେ ଆଧାରିତ ହେବ।

- ରହିଥିବା ବେସ୍ ଲାଇନ୍ ବା ଆଧାରରେଖା ପରିସ୍ଥିତି ସଂପର୍କରେ ସୂଚନା ସଂଗ୍ରହ।
- ପାରିପାର୍ଶ୍ୱିକ ବାୟୁ, ଜଳ ଏବଂ ମାଟିର ଗୁଣାତ୍ମକ ମାନ ଓ କୋଳାହଳ ସ୍ତର ତତ୍ତ୍ୱାବଧାନ
- ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ସ୍ଥାନ (ଯଦି କିଛି ଥାଏ) ପ୍ରଭାବିତ ଅଞ୍ଚଳରେ ଚିହ୍ନଟ କରିବା
- ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ଆକଳନ କରିବା ଏବଂ ଏହାର ପ୍ରଭାବ ଏଡ଼ାଇବା, ଉଚିତ୍ ମୂଲ୍ୟରେ ପ୍ରଶମନ ପରାମର୍ଶ ଏବଂ ପ୍ରତିକୂଳ ପ୍ରଭାବ ଦୂର କରିବା ପାଇଁ ପରିଚାଳନା ପଦକ୍ଷେପଗୁଡ଼ିକର ସମୀକ୍ଷା କରିବା।
- ପରିବେଶ ପରିଚାଳନା ଯୋଜନା ପ୍ରସ୍ତୁତ କରିବା ଯାହାକି ପ୍ରଶମନ କାର୍ଯ୍ୟକାରୀ କରିବା ଏବଂ ପରିବର୍ଦ୍ଧନ, କାର୍ଯ୍ୟ; ଏକ ପରିବେଶ ତତ୍ତ୍ୱାବଧାନ କାର୍ଯ୍ୟକ୍ରମର ବିକାଶ ପାଇଁ ଲାଗୁଥିବା ଖର୍ଚ୍ଚକୁ ଅନ୍ତର୍ଭୁକ୍ତ କରିବ।
- ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ନିରାପତ୍ତାକୁ ଜଡ଼ିତ କରୁଥିବା ସମସ୍ୟାର ମୁକାବିଲା କରିବା ଏବଂ ଆପଦକାଳୀନ/ ବିପର୍ଯ୍ୟୟ ପରିଚାଳନା ମାଧ୍ୟମରେ ପ୍ରତିକୂଳ ପ୍ରଭାବକୁ ସୀମିତ/ ଗୋଟିଏ ସ୍ଥାନ ମଧ୍ୟରେ ଆବଦ୍ଧ କରି ରଖିବା।

## ୨.୦ ପ୍ରକଳ୍ପ

ମେସର୍ସ ଷ୍ଟାର୍‌ଲାଇଟ୍ ଏନର୍ଜି ପ୍ରାଇଭେଟ୍ ଲିମିଟେଡ ଏକ **୨ x ୪୫** କେଏଲପିଡି କ୍ଷମତାଯୁକ୍ତ ଗ୍ରେନ୍ ଭିତ୍ତିକ ଡିଷ୍ଟିଲେରୀ ୟୁନିଟ୍ ସେଟ୍‌ଅପ୍ କରିବାକୁ ଯୋଜନା କରୁଛନ୍ତି। ଏହାର **୨ x ୩.୦** ମେଗାୱାଟ୍ କୋଜେନେରେସନ ପାୱାର ପ୍ଲାଣ୍ଟ ସହିତ **୨ x ୮୦୦୦** କେସ୍/ ଦିନର ଆଇଏମଏଫଏଲ/ଆଇଏମଆଇଏଲ ବଟଲିଂ ୟୁନିଟ୍ ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ତହସିଲର ଗୌଡ ସର୍ଗିଗୁଡା ଗ୍ରାମରେ ସେଟ୍‌ଅପ୍ କରିବାକୁ ଯୋଜନା କରୁଛନ୍ତି। ଏହି ପ୍ରକଳ୍ପ ନିମ୍ନ ଅନୁଯାୟୀ କାର୍ଯ୍ୟକାରୀ କରାଯିବ:

| ପର୍ଯ୍ୟାୟ | ପ୍ରକଳ୍ପ ବର୍ଣ୍ଣନା | ସଂସ୍ଥାପିତ କ୍ଷମତା | ଆଶା କରାଯାଉଥିବା ସିଓଡି |
|---|---|---|---|
| I | ପର୍ଯ୍ୟାୟ ଆଇଏମଏଫଏଲ/ ଆଇଏମଆଇଏଲ ପ୍ଲାଣ୍ଟ ସହିତ ସଂଯୋଜିତ ଡିଷ୍ଟିଲେରି ୟୁନିଟ୍, ବାୟୋମାସ୍ ପାୱାର ପ୍ଲାଣ୍ଟ, ପର୍ଯ୍ୟାୟ **୧** | **୪୫** କେଏଲପିଡି ସହିତ **୮୦୦୦** କେସେସ୍/ ଦିବସ ଆଇଏମଏଫଏଲ/ ଆଇଏମଆଇଏଲ ବଟଲିଂ ପ୍ଲାଣ୍ଟ ଏବଂ **୩.୦**ମେଗାୱାଟ୍ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ | ଡ଼ିସେମ୍ବର **୨୦୧୯** |

| | | | |
|---|---|---|---|
| II | ପର୍ଯ୍ୟାୟସମନ୍ୱିତ ଡିଷ୍ଟିଲେରି ୟୁନିଟ୍-ପର୍ଯ୍ୟାୟ **୨** | **୪୫**କେଏଲପିଡି ସହିତ **୮୦୦୦** କେସେସ୍/ ଦିବସ ଆଇଏମଏଫଏଲ/ ଆଇଏମଆଇଏଲ ବଟଲିଂ ପ୍ଲାଣ୍ଟ୍ ଏବଂ **୩.୦** ମେଗାୱାଟ୍ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ୍ | ଡ଼ିସେମ୍ବର **୨୦୨୦** |

ଏହି ପ୍ରକଳ୍ପର ପ୍ରମୋଟରମାନଙ୍କ ପାଖରେ ଅଦ୍ୟାବଧି କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ତାଲୁକ୍‌ର ଗୌଡ଼-ସର୍ଗଗୁଡ଼ା ଗ୍ରାମରେ **୯୦** ଏକରରୁ ଅଧିକ ଜମି ରହିଛି। ଏହା ମଧ୍ୟରୁ ଏହି ପ୍ରକଳ୍ପର ପ୍ରମୋଟର **୪୦** ଏକର ଜମିକୁ ପ୍ରସ୍ତାବିତ **୨ x ୪୫** କେ.ଏଲ.ପିଡି ଶସ୍ୟଭିତ୍ତିକ ଡିଷ୍ଟିଲେରୀ ପ୍ରୋଜେକ୍ଟ ପାଇଁ ଚିହ୍ନିତ କରିଛନ୍ତି। ପର୍ଯ୍ୟାୟ **୧**ରେ ଆନୁମାନିକ ପ୍ରକଳ୍ପ ଖର୍ଚ୍ଚ ପ୍ରାୟ **୫୦** କୋଟି ପାଖାପାଖି ହେବ। ଏହି ଖର୍ଚ୍ଚ ଜମି ମୂଲ୍ୟକୁ ଅନ୍ତର୍ଭୁକ୍ତ କରେ ନାହିଁ। ପର୍ଯ୍ୟାୟ **୨** ପାଇଁ ଏହି ପ୍ରକଳ୍ପର ଆନୁମାନିକ ମୂଲ୍ୟ **୨୫**%ରୁ ଅଧିକ ହେବ, କାରଣ ପର୍ଯ୍ୟାୟ **୨**ରେ କମିଶନିଂ ପାଇଁ ଅତି କମ୍‌ରେ ପର୍ଯ୍ୟାୟ **୧** କମିଶନିଂ ଠାରୁ ଦୁଇ ବର୍ଷ ଅଧିକ ଲାଗିବ;

ଏହି ଡିଷ୍ଟିଲେରୀ ବିଭିନ୍ନ ଶସ୍ୟ ବା ଗ୍ରୀନ୍ ଯେପରିକି ଖୁଦ ଚାଉଳ, ମକା, ବାଜରା, ଜଅ ଏବଂ ଅନ୍ୟାନ୍ୟ ମଣ୍ଡଜାତୀୟ ଶସ୍ୟ କଞ୍ଚା ମାଲ୍ ଭାବରେ ବ୍ୟବହାର କରିବ। ଏହା ସହିତ, ରାସାୟନିକ ପଦାର୍ଥର ପ୍ରକ୍ରିୟାକରଣ ଦ୍ୱାରା ଇଏନଏ/ଆରଏସ/ ଇଥାଇଲ୍ ଆଲକୋହଲରୁ ଉତ୍ପାଦନ କରାଯିବ। ଡିଷ୍ଟିଲେରୀ ପ୍ଲାଣ୍ଟ୍ ପାଇଁ ପର୍ଯ୍ୟାୟ କ୍ରମେ କଞ୍ଚା ମାଲ୍ ବିଷୟରେ ନିମ୍ନରେ ଦିଆଯାଇଛି;

| କ୍ର.ସଂ. | ଆଇଟମ୍ | ଏକକ | ପର୍ଯ୍ୟାୟ 1 | ପର୍ଯ୍ୟାୟ 2 | ସମୁଦାୟ |
|---|---|---|---|---|---|
| **୧.** | ଖୁଦ ଚାଉଳ, ମକା, ବାଜରା, ଜଅ ଏବଂ ଅନ୍ୟାନ୍ୟ ମଣ୍ଡଜାତୀୟ ଶସ୍ୟ | ମେଟ୍ରିକ୍‌ଟନ୍ | **୧୧୫** | **୧୧୫** | **୨୩୦** |
| **୨.** | ଏଞ୍ଜାଇମ | କି.ଗ୍ରାରେ | **୧୦୦** | **୧୦୦** | **୨୦୦** |
| **୩.** | ସୋଡିଅମ୍ ହାଇଡ୍ରୋକ୍ସାଇଡ୍ | କି.ଗ୍ରାରେ | **୫୦** | **୫୦** | **୧୦୦** |
| **୪.** | ୟୁରିଆ | କି.ଗ୍ରାରେ | **୨୨୫** | **୨୨୫** | **୪୫୦** |
| **୫.** | ଫେଣ ପ୍ରତିହତକାରୀ କାରକ | କି.ଗ୍ରାରେ | **୨୫** | **୨୫** | **୫୦** |
| **୬.** | ଇଷ୍ଟ୍ | କି.ଗ୍ରାରେ | **୧୦୦** | **୧୦୦** | **୨୦୦** |

ଷ୍ଟାର୍‌ଲାଇଟ୍ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ ଡିଷ୍ଟିଲେରୀ ୟୁନିଟ୍ ସହିତ **୨ x ୩.୦** ମେଗାୱାଟ୍ କୋଜେନେରେସନ ପାୱାର ପ୍ଲାଣ୍ଟ୍ ସ୍ଥାପନ କରିବ। ଏହି କୋଜେନେରେସନ ପାୱାର ପ୍ଲାଣ୍ଟ୍ ଦୁଇଟି ପର୍ଯ୍ୟାୟରେ ସଂସ୍ଥାପିତ ହେବ। ପ୍ରଥମ ପର୍ଯ୍ୟାୟ କମିଶନିଂ ପରେ କମ୍ପାନୀ ଏହିପରି ଭାବରେ ଦ୍ୱିତୀୟ ପର୍ଯ୍ୟାୟରେ ଦ୍ୱିତୀୟ ୟୁନିଟ୍ ସଂସ୍ଥାପନ ଆରମ୍ଭ କରିବ।

ଦୈନିକ ଇନ୍ଧନ (ଜୈବବସ୍ତୁ) ଆବଶ୍ୟକତା କୋଜେନେରେସନ ପାୱାର ପ୍ଲାଣ୍ଟର **୩୦** ଟିପିଏଚ୍ ବଏଲର ଫର୍ନେସ୍ ପାଇଁ କୋଜେରେସନ ପାୱାର ପ୍ଲାଣ୍ଟ୍ ପ୍ରାୟ **୫.୫** ମେଟ୍ରିକ୍ ଟନ୍/ ଘଣ୍ଟା କିମ୍ବା **୧୬୦** ମେଟ୍ରିକ୍ ଟନ୍/ ଦିନ ହୋଇଥାଏ। ପର୍ଯ୍ୟାୟ କ୍ରମେ ଦୈନିକ ଜୈବିକ ବସ୍ତୁର ଖର୍ଚ୍ଚ କୋଜେନେରେସନ ପାୱାର ପ୍ଲାଣ୍ଟ ପାଇଁ ନିମ୍ନରେ ଦିଆଯାଇଛି;

| **କ୍ର. ସଂ.** | **ଆଇଟମ୍** | **ଏକକ** | **ପର୍ଯ୍ୟାୟ ୧** | **ପର୍ଯ୍ୟାୟ ୨** | **ସମୁଦାୟ** |
|---|---|---|---|---|---|
| **୧.** | ଧାନ, ଚଷୁ, କପା, ଚୋପା, ସୋରିଷ ଝାଟି ଇତ୍ୟାଦିକୁ ନେଇ ଗଠିତ ଜୈବବସ୍ତୁ | ମେଟ୍ରିକ୍ ଟନ୍ | **୧୬୦** | **୧୬୦** | **୩୨୦** |

## ୨.୧ ପ୍ଲାଣ୍ଟ୍ ପ୍ରକ୍ରିୟା ଏବଂ ଉପକରଣ

ଏହି ଉତ୍ପାଦନ ପ୍ରକ୍ରିୟା ଡିଷ୍ଟିଲେସନ ପ୍ରକ୍ରିୟାର ବିଭିନ୍ନ ପର୍ଯ୍ୟାୟକୁ ଜଡ଼ିତ କରେ। ଏହି ପ୍ରକ୍ରିୟାରେ ନିମ୍ନଲିଖିତ ପର୍ଯ୍ୟାୟ/ ପରିଚାଳନା ରହିଥାଏ;

a) ଶସ୍ୟ ସଂଗ୍ରହ ଏବଂ ସଂରକ୍ଷଣ

b) ଶସ୍ୟ ପରିଚାଳନା ଏବଂ ମିଲିଂ

c) ଘୋଳ ପ୍ରସ୍ତୁତି/ ତରଳୀକରଣ

d) ସାକାରୀଫିକେସନ ଏବଂ ତୁରନ୍ତ ଫର୍ମେଣ୍ଟେସନ

e) ହାଇଫର୍ମ ଫର୍ମେଣ୍ଟେସନ

f) ମଲ୍ଟି-ପ୍ରେସର ଡିଷ୍ଟିଲେସନ

g) ଡିକାଣ୍ଟେସନ

h) ମଲ୍ଟି ଏଫେକ୍ଟ ଇଭାପୋରେସନ ବା ବହୁ ପ୍ରଭାବୀ ବାଷ୍ପୀଭବନ

i) ସ୍ପିରିଟ୍ ସଂରକ୍ଷଣ

## ୨.୨ କୋ-ଜେନେରେସନ ପାୱାର ପ୍ଲାଣ୍ଟ

ମେସର୍ସ ଷ୍ଟାର୍‌ଲାଇଟ୍ ଏନର୍ଜି ପ୍ରାଇଭେଟ୍ ଲିମିଟେଡ **୨ x ୩.୦** ମେଗାୱାଟ୍ ଜୈବବସ୍ତୁଭିତ୍ତିକ କୋଜେନେରେସନ ପାୱାର ପ୍ଲାଣ୍ଟ (ପର୍ଯ୍ୟାୟ **୧**ରେ ଏବଂ ପର୍ଯ୍ୟାୟ **୨**ରେ ଗୋଟିଏ ଲେଖାଏଁ **୩.୦** ମେଗାୱାଟ୍, ସମୁଦାୟ ଉଭୟ ପର୍ଯ୍ୟାୟରେ କମିଶନିଂ ପରେ **୬** ମେଗାୱାଟ୍) ଶକ୍ତି ଉତ୍ପାଦନ ପାଇଁ ଏବଂ ଡିଷ୍ଟିଲାରୀ ପ୍ରକ୍ରିୟାରେ ବ୍ୟବହାର ପାଇଁ ବାଷ୍ପ ଆହରଣ ପାଇଁ

ପ୍ରତିଷ୍ଠା କରିବାକୁ ଯୋଜନା କରୁଛନ୍ତି। ଏହି ଶିଳ୍ପ **୩.୦** ମେଗାୱାଟ ଏକ୍ସଟ୍ରାକ୍ସନ ସହିତ କଣ୍ଡେନସିଂ ଟର୍ବାଇନ୍ କୋଜେନେରେସନ ପାୱାର ପ୍ଲାଣ୍ଟ ପାଇଁ ବିଚାର କରୁଅଛି। ଥରେ ଏହି ଶିଳ୍ପ ସମଗ୍ର ପ୍ରକଳ୍ପ ପାଇଁ ପର୍ଯ୍ୟାୟ **୧** କମିଶନ କରିବା ପରେ, ପ୍ରୋଜେକ୍ଟ ପ୍ରମୋଟର ସମାନ ବିନ୍ୟାସୀକରଣ ସହିତ ଆଉ ଏକ **୩.୦** ମେଗାୱାଟ୍ କୋଜେନେରେସନ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା କରିବେ।

କୋଜେନେରେସନ ପାୱାର ପ୍ଲାଣ୍ଟକୁ ତିନି ଭାଗରେ ବିଭକ୍ତ କରାଯାଇଛି, ନାମ ଅନୁଯାୟୀ;

ବଏଲର ଏବଂ ଅକ୍ଜିଲାରିଜ୍

ଟର୍ବାଇନ୍ ଏବଂ ଅକ୍ଜିଲାରିଜ୍

ଜେନେରେଟର ଏବଂ ଅକ୍ଜିଲାରିଜ୍

## ୨.୩ ସଣ୍ଡ୍ରାଇ ବ୍ୟବହାରଗୁଡିକ (ପ୍ରତ୍ୟେକ ପର୍ଯ୍ୟାୟ)

**କଣ୍ଡେନସେଟ୍ ସିଷ୍ଟମ୍:** ଶକ୍ତି ସଂରକ୍ଷଣ, ଜଳର ବ୍ୟବହାର ଏବଂ ପ୍ଲାଣ୍ଟର ଉପାଦେୟତା ସର୍ବାଧିକ ରଖିବା ପାଇଁ ପ୍ଲାଣ୍ଟ ବ୍ୟାପି କଣ୍ଡେନସେଟ୍‌କୁ ଉପଯୋଗ କରାଯିବ ଏବଂ ବଏଲର ଫିଡ୍ ମେକ୍‌ଅପ୍ ପାଇଁ ଫେରାଇ ଅଣାଯିବ। କଣ୍ଡେନସେଟ୍ ରିସିଭର ପାଇପ କାମ ଭାଲ୍‌ବ ଏବଂ ଟ୍ରାପ୍ ସେଟ୍ ଇତ୍ୟାଦି ପାଇଁ ଆବଶ୍ୟକ ପରିବର୍ତ୍ତନ କରାଯାଇଛି। ଏହି ପ୍ରକ୍ରିୟାରେ ଯୋଗାଇ ଦିଆଯାଉଥିବା ଜଳୀୟ ବାଷ୍ପର ୮୦% ବଏଲରରେ ପୁନଃଫିଟ୍ କରିବା ପାଇଁ କଣ୍ଡେନସେଟ୍ ଭାବରେ ଆଦାୟ କରିହୋଇଥାଏ।

**ପ୍ଲାଣ୍ଟର ଜଳ ଆବଶ୍ୟକତା- ୩୦୦** ଘନମିଟର/ ଦିନ: ଏହା ପ୍ରସ୍ତାବ ଦିଆଯାଇଛି ଯେ, ବ୍ୟବହାର ହେବାକୁ ଥିବା ଜଳ ନଦୀ ଜଳରୁ ଗ୍ରହଣ କରାଯିବ। ଯଦି ନଦୀ ଜଳ ଉପଲବ୍ଧ ହୁଏ ନାହିଁ ତେବେ ହିଁ କେବଳ ଭୂତଳ ଜଳ ବ୍ୟବହାର କରାଯିବ। ଜଳର ଗୁଣାତ୍ମକ ମାନ ବଏଲର ଫିଡ୍ ୱାଟରର ଆବଶ୍ୟକ ମାନ, ପ୍ରକ୍ରିୟା ଆବଶ୍ୟକତା ଏବଂ ବଟଲିଂ ସମୟରେ ବ୍ଲେଣ୍ଡିଂ ଆବଶ୍ୟକତା ଅନୁରୂପ ହେବା ପାଇଁ ପ୍ରାକ୍ ବିଶୋଧନ ଆବଶ୍ୟକ ହେବ। ଏହି ବିଶୋଧନ ପାଣି ଜମାଇ ରଖିବା, ବାଲିରେ ଛାଣିବା, ସକ୍ରିୟ ହୋଇଥିବା କାର୍ବନରେ ଛାଣିବା, କୋମଳ କରିବା ଏବଂ ଆୟନ ବିନିମୟ ବିଶୋଧନ (ବିଭିନ୍ନ ପ୍ରକ୍ରିୟାର ଆବଶ୍ୟକତାର ଆବଶ୍ୟକ ଅନୁଯାୟୀ) ଜଳର ଆବଶ୍ୟକ ଗୁଣାତ୍ମକ ମାନ ପାଇଁ ଉପଯୁକ୍ତ ଭାବରେ ଜଡ଼ିତ ହେବ।

**ପାଣି ଥଣ୍ଡା କରିବା- ୧୨୦୦** ଘନମିଟର/ ଘଟଣା: ସର୍ବାଧିକ ପ୍ରକ୍ରିୟା ଏବଂ ପାୱାର ପ୍ଲାଣ୍ଟ ଶୀତଳ କରିବା ପାଇଁ ଜଳର ଆବଶ୍ୟକତା **୧୨୦୦** ଘନମିଟର/ ଘଣ୍ଟା ପ୍ରତ୍ୟେକ ପର୍ଯ୍ୟାୟ ପାଇଁ ହେବ। ଏହି କୁଲିଂ ଟାୱାର ତିନିଟି ସେଲ୍‌ରେ ବିଭାଜିତ କାଉଣ୍ଟର/ କ୍ରସ୍ ଫ୍ଲୋଜନିତ ଡ୍ରାଫ୍ଟ ହେବ। ଏହି କୁଲିଂ ଟାୱାରକୁ ୮ ଡିଗ୍ରୀ ସେଣ୍ଟିଗ୍ରେଡ୍ ପର୍ଯ୍ୟନ୍ତ ଶୀଳତ କରିବା ପାଇଁ ପରିକଳ୍ପନା କରାଯିବ, ଏବଂ **୫** ଡିଗ୍ରୀ ସେଣ୍ଟିଗ୍ରେଡ୍‌ରେ ପରିଚାଳନା କଲା ବେଳେ ବାୟୁମଣ୍ଡଳର ୱେଟବଲ୍ ତାପମାତ୍ରା ପ୍ରାୟ **୨୭** ଡିଗ୍ରୀ ସେଣ୍ଟିଗ୍ରେଡ୍ ହୋଇଥାଏ। କୁଲିଂ ଟାୱାରକୁ ଯତ୍ନପୂର୍ବକ ସ୍ଥାପନ କରାଯିବ। ଯାହାଫଳରେ କି କୁଲିଂ ଟାୱାରରେ ଜଳୀୟ ବାଷ୍ପ ପୁନଃପ୍ରବେଶ କରିବ ନାହିଁ। ବାଷ୍ପୀଭବନ ଏବଂ ଡ୍ରିଫ୍ଟହାନୀ ଋତୁ ଉପରେ ନିର୍ଭର କରିବ ଏବଂ

ହାରାହାରି ଏହାର ପରିମାଣ ପ୍ରାୟ ୧.୭୦% ହେବ। କୁଲିଂ ଟାୱାରକୁ ତଳକୁ ବ୍ଲୋ କରାଯିବ, ଯାହାକି ପ୍ରାୟ ୦.୧% ହେବ। ସମୁଦାୟ ହାନୀର ପରିମାଣ ମଧୁର ଜଳ/ ପ୍ରକିୟାରୁ ବିଶୋଧିତ କଣ୍ଡେନସେଟ୍ ଯୋଗ କରି ପୂରଣ କରାଯିବ।

**ଜଳ ଆବଶ୍ୟକତା:** ସମୁଦାୟ ହାରାହାରି ମଧୁର ଜଳ ଖର୍ଚ୍ଚ ସାରାଂଶ ପ୍ରୋଜେକ୍ଟ ପାଇଁ ନିମ୍ନରେ ଦିଆଯାଇଛି:

| କ୍ର.ସଂ. | ଉଦ୍ଦେଶ୍ୟ | ପର୍ଯ୍ୟାୟ ୧ | ପର୍ଯ୍ୟାୟ ୨ | ସମୁଦାୟ |
|---|---|---|---|---|
| | **ଶସ୍ୟଭିତ୍ତିକ ଡିଷ୍ଟିଲେରୀ ପରିଚାଳନା** | | | |
| ୧. | ପ୍ରକ୍ରିୟା ଏବଂ ଜଳ ମିଶାଇବା | ୨୧୫ଘନମିଟର/ଦିନ | ୨୧୫ଘନମିଟର/ଦିନ | ୪୩୦ଘନମିଟର/ଦିନ |
| ୨. | ପାଣି ଶୀତଳ କରିବା | ୨୫୦ଘନମିଟର/ଦିନ | ୨୫୦ଘନମିଟର/ଦିନ | ୫୦୦ଘନମିଟର/ଦିନ |
| ୩. | ପରିଷ୍କାର କରିବାର ଆବଶ୍ୟକତା | ୨୦ଘନମିଟର/ଦିନ | ୨୦ଘନମିଟର/ଦିନ | ୪୦ଘନମିଟର/ଦିନ |
| ୪. | ଜଳ ବିଶୋଧନ ପ୍ଲାଣ୍ଟ | ୧୫ଘନମିଟର/ଦିନ | ୧୫ଘନମିଟର/ଦିନ | ୩୦ଘନମିଟର/ଦିନ |
| ୫. | ଘରୋଇ ଆବଶ୍ୟକତା | ୧୦ଘନମିଟର/ଦିନ | ୧୦ଘନମିଟର/ଦିନ | ୨୦ଘନମିଟର/ଦିନ |
| | **ବଟଲିଂ ପ୍ରକ୍ରିୟା** | | | |
| ୧. | ବ୍ଲେଣ୍ଡିଂ ପାଇଁ ଜଳର ଆବଶ୍ୟକତା | ୨୫ଘନମିଟର/ଦିନ | ୨୫ଘନମିଟର/ଦିନ | ୫୦ଘନମିଟର/ଦିନ |
| ୨. | ଧୋଇବାର ଆବଶ୍ୟକ | ୧୦ଘନମିଟର/ଦିନ | ୧୦ଘନମିଟର/ଦିନ | ୨୦ଘନମିଟର/ଦିନ |
| | **ବଏଲର ଆବଶ୍ୟକତା** | | | |
| | ବଏଲର ଜଳ ଆବଶ୍ୟକତା | ୯୦ଘନମିଟର/ଦିନ | ୯୦ଘନମିଟର/ଦିନ | ୧୮୦ଘନମିଟର/ଦିନ |
| | **ସମୁଦାୟ** | ୬୩୫ଘନମିଟର/ଦିନ | ୬୩୫ଘନମିଟର/ଦିନ | ୧୨୭୦ଘନମିଟର/ଦିନ |

## ୩.୦ ଆଧାରରେଖା ପରିବେଶ ସଂପର୍କିତ ସେଟିଂ

ଏହି ବିଭାଗ ପ୍ରସ୍ତାବିତ ପ୍ଲାଣ୍ଟ୍ ସ୍ଥାନ ଚାରିପଟେ ୧୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ରହିଥିବା କ୍ଷେତ୍ରର ପରିବେଶର ସ୍ଥିତି ବର୍ଣ୍ଣନା କରିଥାଏ।

ଇଆଇଏ ବା ପରିବେଶ ଉପରେ ପ୍ରଭାବ ସମୀକ୍ଷା ପାଇଁ ଅଧ୍ୟୟନର ପରିବେଶ ସଂପର୍କିତ ତତ୍ତ୍ୱାବଧାନ ଶୀତ ଋତୁ ପାଇଁ କରାଯାଇଥିଲା। ପ୍ରାଥମିକ ଭାବରେ, ଅଧ୍ୟୟନ କ୍ଷେତ୍ର ପାଇଁ ପ୍ରାଥମିକ ପର୍ଯ୍ୟବେକ୍ଷଣ ସର୍ବେକ୍ଷଣ କରାଯାଇଥିଲା ଏବଂ ତାହା

ପରେ ଜଳବାୟୁର ମାନଦଣ୍ଡଗୁଡିକ ମାପ କରିବା ପାଇଁ କ୍ଷେତ୍ରୀୟ ତତ୍ତ୍ୱାବଧାନ କରାଯାଇଥିଲା, ଜାନୁଆରୀ **୦୧,୨୦୧୫** ମାର୍ଚ୍ଚ **୩୧,୨୦୧୫** ପର୍ଯ୍ୟନ୍ତ ପାରିପାର୍ଶ୍ୱିକ ବାୟୁର ଗୁଣାତ୍ମକ ମାନ, ଜଳର ଗୁଣାତ୍ମକ ମାନ, ମାଟିର ଗୁଣାତ୍ମକ ମାନ ଏବଂ କୋଳାହଳ ସ୍ତର ମାପ କରାଯାଇଥିଲା। ଏହା ସହିତ ନିର୍ଦ୍ଦିଷ୍ଟ ଦିଗ ଯେପରିକି ଭୂମିର କ୍ଷେତ୍ରଫଳ, ସାମାଜିକ, ଆର୍ଥିକ ସ୍ଥିତି, ଅତୀତର ପାଣିପାଗ ଅବସ୍ଥା ଇତ୍ୟାଦିର ସମୀକ୍ଷା କରାଯାଇଥିଲା ଏବଂ ଜିଲ୍ଲାର ସେନସନ୍ ରିପୋର୍ଟ, ଜିଲ୍ଲାର ଗେଜେଟର, ଭାରତୀୟ ପାଣିପାଗ ବିଭାଗରୁ ମିଳିଥିବା ଅନ୍ୟାନ୍ୟ ସୂଚନା ସହିତ ସମୀକ୍ଷା କରାଯାଇଥିଲା।

## ୩.୧ ପାଣିପାଗ ବିଜ୍ଞାନ

ଏହି ପ୍ରକଳ୍ପ କ୍ଷେତ୍ର ଉପ ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳରେ ଅବସ୍ଥିତ ଯେଉଁଠାରେ ମୁଖ୍ୟତଃ ଚାରୋଟି ଋତୁ ପରିଲକ୍ଷିତ ହୁଏ- ଶୀତ (ଡିସେମ୍ବରରୁ ଫେବୃଆରୀ), ଗ୍ରୀଷ୍ମ (ମାର୍ଚ୍ଚରୁ ମେ), ବର୍ଷା (ଜୁନ୍‌ରୁ ସେପ୍ଟେମ୍ବର), ମୌସୁମୀ ପରବର୍ତ୍ତୀ (ଅକ୍ଟୋବରରୁ ନଭେମ୍ବର)

ଅଧ୍ୟୟନ କ୍ଷେତ୍ରରେ, ବାର୍ଷିକ ସର୍ବନିମ୍ନ ଏବଂ ସର୍ବାଧିକ ତାପମାତ୍ରା ସୀମା (ଅତିରିକ୍ତ ପାର୍ଥକ୍ୟ) ହେଉଛି **୮-୪୫** ଡିଗ୍ରୀ ସେଣ୍ଟିଗ୍ରେଡ୍। ଅଧ୍ୟୟନ ଅବଧିରେ ଦୈନିକ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା ମଧ୍ୟରେ ପରିବର୍ତ୍ତନ ଥିଲା **୩୧.୯ - ୯.୯** ଡିଗ୍ରୀ ସେଣ୍ଟିଗ୍ରେଡ୍।

ଅଧ୍ୟୟନ କରାଯାଉଥିବା ଅଞ୍ଚଳର ବାର୍ଷିକ ବୃଷ୍ଟିପାତ ପ୍ରାୟ **୧୨୭୩.୯** ମି.ମି. ।

ବାର୍ଷିକ ଭିତ୍ତିରେ, ଏଥିପ୍ରତି ଧ୍ୟାନ ଦିଆଯାଇପାରିବ ଯେ ଡିସେମ୍ବର, ଜୁଲାଇ, ଅଗଷ୍ଟ ଏବଂ ସେପ୍ଟେମ୍ବର ମାସରେ ଆର୍ଦ୍ରତା ଅଧିକ ରହିଥାଏ ଏବଂ ଏପ୍ରିଲ୍, ମେ ଓ ଜୁନ୍ ମାସରେ ଆର୍ଦ୍ରତା କମ୍ ରହିଥାଏ।

ବାର୍ଷିକ ରୀତି ସୂଚାଇଦିଏ ଯେ, ହାରାହାରି ବାୟୁ ପ୍ରବାହର ବେଗ ମାର୍ଚ୍ଚ, ଏପ୍ରିଲ, ମେ, ଜୁନ୍ ଏବଂ ଜୁଲାଇ ମାସରେ ଅଧିକ ରହିଥାଏ (**୭.୮ - ୯.୫** କିଲୋମିଟର/ ଘଣ୍ଟା) ଏବଂ ଅକ୍ଟୋବର, ନଭେମ୍ବର ଏବଂ ଡିସେମ୍ବର ମାସରେ (**୧.୫ – ୩.୫** କି.ମି/ ଘଣ୍ଟା) ରହିଥାଏ। ବାୟୁ ପ୍ରବାହ ଉପରକୁ ଉଠିବା ଚିତ୍ର ଦର୍ଶାଏ ଯେ, ବାୟୁର ଦିଗ ଅଧିକାଂଶ ସମୟରେ ଅଧ୍ୟୟନ ଅବଧିରେ ଉତ୍ତର-ପଶ୍ଚିମ ଦିଗରେ ରହିଥିଲା।

## ୩.୨ ବାୟୁ ପରିବେଶ

ରହିଥିବା ମୂଳ ଆଧାର ରେଖାରେ ପାରିପାର୍ଶ୍ୱିକ ବାୟୁ ଗୁଣାତ୍ମକ ମାନର ସ୍ଥିତି ସାବ୍ୟସ୍ତ କରିବା ପାଇଁ, **୭** ଏଏକ୍ୟୁଏମ୍ ଷ୍ଟେସନ ଚୟନ କରାଯାଇଥିଲା। ବିଭିନ୍ନ ପ୍ରକାର ପ୍ରଦୂଷକ ଉପରେ ନଜର ରଖାଯାଇଥିଲା। ଯେଉଁଥିରେ ନିଶ୍ୱାସରେ ନିଆଯାଉଥିବା ନିମଜ୍ଜିତ କଣିକା (ପିଏମ **୧୦** ଏବଂ **୨.୫**), ସଲଫର ଡାଇଅକ୍ସାଇଡ୍ ଏବଂ ନାଇଟ୍ରୋଜେନର ଅକ୍ସାଇଡ୍ ଅନ୍ତର୍ଭୁକ୍ତ ଥିଲା। ଶୀତ ଋତୁରେ ପାରିପାର୍ଶ୍ୱିକ ବାୟୁର ଗୁଣାତ୍ମକ ମାନ ତତ୍ତ୍ୱାବଧାନ ସପ୍ତାହରେ ଦୁଇ ଥର କରାଯାଇଥିଲା।

ଏହି ଅଧ୍ୟୟନ ଅବଧିରେ, ପିଏମ୧୦ର ଘନତା **୫୨.୩** ରୁ **୭୫.୬** ମାଇକ୍ରୋଗ୍ରାମ୍/ ଘନମିଟର ମଧ୍ୟରେ ରହିଥିଲା। ପିଏମ **୧୦** ର ସର୍ବାଧିକ ମୂଲ୍ୟ ଜୁନାଗଡ଼ ଗ୍ରାମରେ ଓ ପିଏମ **୧୦** ର ସର୍ବନିମ୍ନ ମୂଲ୍ୟ ମଛିଆଲ୍ ଗ୍ରାମରେ ପରିଲକ୍ଷିତ ହୋଇଥିଲା।

ପିଏମ୍ **୨.୫** ଘନତାର ପରିମାଣ **୨୫.୩** ରୁ **୪୪.୬** ମାଇକ୍ରୋଗ୍ରାମ୍/ ଘନମିଟର ମଧ୍ୟରେ ରହିଛି। ପିଏମ୍ **୨.୫** ର ସର୍ବାଧିକ ମୂଲ୍ୟ ଜୁନାଗଡ଼ ଗ୍ରାମରେ ଏବଂ ପିଏମ୍ **୨.୫** ର ସର୍ବନିମ୍ନ ମୂଲ୍ୟ ମଛିଆଲ୍ ଗ୍ରାମରେ ପରିଲକ୍ଷିତ ହୋଇଛି।

ସଲଫର ଡାଇଅକ୍ସାଇଡ୍ ଘନତା ବିଭିନ୍ନ ପାରିପାର୍ଶ୍ୱିକ ବାୟୁ ଗୁଣାତ୍ମକ ମାନ ତତ୍ତ୍ୱାବଧାନ ଷ୍ଟେସନଗୁଡ଼ିକରେ **୭.୫** ରୁ **୧୬.୩** ମାଇକ୍ରୋଗ୍ରାମ୍/ ଘନମିଟର ରହିଛି। ସଲଫର ଡାଇଅକ୍ସାଇଡ୍ର ସର୍ବାଧିକ ମୂଲ୍ୟ ଜୁନାଗଡ଼ ଗ୍ରାମରେ ଏବଂ ସଲଫର ଡାଇଅକ୍ସାଇଡର ସର୍ବନିମ୍ନ ମୂଲ୍ୟ ମଛିଆଲ୍ ଗ୍ରାମରେ ପରିଲକ୍ଷିତ ହୋଇଛି।

ନାଇଟ୍ରୋଜେନ୍ ଅକ୍ସାଇଡ୍ର ଘନତା ବିଭିନ୍ନ ପାରିପାର୍ଶ୍ୱିକ ବାୟୁ ଗୁଣାତ୍ମକ ମାନ ତତ୍ତ୍ୱାବଧାନ ଷ୍ଟେସନଗୁଡ଼ିକରେ **୧୭.୫** ରୁ **୨୮.୬** ମାଇକ୍ରୋଗ୍ରାମ୍/ ଘନମିଟର ରହିଛି। ନାଇଟ୍ରୋଜେନ୍ ଅକ୍ସାଇଡ୍ର ସର୍ବାଧିକ ମୂଲ୍ୟ ଜୁନାଗଡ଼ ଗ୍ରାମରେ ଏବଂ ନାଇଟ୍ରୋଜେନ୍ ଅକ୍ସାଇଡ୍ର ସର୍ବନିମ୍ନ ମୂଲ୍ୟ ମଛିଆଲ୍ ଗ୍ରାମରେ ପରିଲକ୍ଷିତ ହୋଇଛି।

### ୩.୩ କୋଳାହଳ ବା ଆବାଜ୍

ଅଧ୍ୟୟନ କ୍ଷେତ୍ରର **୧୦** କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ, କାର୍ଯ୍ୟସ୍ଥଳ ସହ ସଂପର୍କିତ କ୍ଷେତ୍ରଗୁଡିକ ପରିବେଶରେ କୋଳାହଳ ପାଇଁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ତିନୋଟି କ୍ଷେତ୍ର ଯଥା ବାସସ୍ଥାନ ଅଞ୍ଚଳ, ରାଜପଥ ବା ହାଇ ୱେ ଏବଂ ସାଇଲେଟ୍ ଜୋନ୍ ବା ନିରବ କ୍ଷେତ୍ରକୁ କୋଳାହଳ ତତ୍ତ୍ୱାବଧାନ ପାଇଁ ବିଚାର କରାଯାଇଛି। ଏନଏଚ **୨୦୧** ନିକଟସ୍ଥଳ ଅଞ୍ଚଳକୁ ମଧ୍ୟ ତତ୍ତ୍ୱାବଧାନ ପାଇଁ ବିଚାର କରାଯାଇଛି। ପ୍ରତିଟି ସ୍ଥାନରେ କୋଳାହଳ ତତ୍ତ୍ୱାବଧାନ ପ୍ରାୟ **୨୪** ଘଣ୍ଟା ପର୍ଯ୍ୟନ୍ତ କରାଯାଇଥିଲା। ଏହି ଆବାଜ୍ ବା କୋଳାହଳ ସର୍ବେକ୍ଷଣରେ **୬** ଟି ସ୍ଥାନରେ କୋଳାହଳର ସ୍ତର ନିର୍ଦ୍ଧାରଣ ଜଡ଼ିତ ହୋଇଛି। କ୍ରମାଗତ ଭାବରେ **୨୪** ଘଣ୍ଟା ପାଇଁ ପ୍ରତି ଘଣ୍ଟାରେ **୧୦** ମିନିଟ୍ ପାଇଁ କୋଳାହଳ ସ୍ତର **'ଏ'** ରେସ୍ପନ୍ସରେ ରେକର୍ଡ କରାଯାଇଥିଲା। ଦିନ ସମୟରେ ଏବଂ ରାତି ସମୟରେ ରେକର୍ଡ କରାଯାଇଥିବା ସର୍ବାଧିକ ମୂଲ୍ୟ ଥିଲା **୫୩.୨୦** ଡେସିବେଲ୍ **(ଏ)** ଏବଂ **୪୪.୩୦** ଡେସିବେଲ୍ **(ଏ)**।

### ୩.୪ ଜଳର ଗୁଣାତ୍ମକ ମାନ

ଏହି ସ୍ଥାନଠାରୁ **୩.୫** କିଲୋମିଟର ଦୂରରେ ହାତୀ ନଦୀ ପ୍ରବାହିତ ହେଉଛି। ହାତୀ ନଦୀର ପୃଷ୍ଠ ଅପଷ୍ଟ୍ରିମ୍ ବା ଉପର ଅଂଶର ଜଳର ନମୁନା ଗୌଡ଼-ସର୍ଗିଗୁଡ଼ା ଗ୍ରାମର ଧାରରୁ ସଂଗ୍ରହ କରାଯାଇଥିଲା । ଡାଉନ ଷ୍ଟ୍ରିମ୍ ପୃଷ୍ଠଜଳ ନମୁନା ଜୁନାଗଡ଼ ଗ୍ରାମରୁ ସଂଗ୍ରହ କରାଯାଇଥିଲା।

ଏହି ଜିଲ୍ଲାରେ ଜଳସେଚନ ପାଇଁ ବ୍ୟବହାରଯୋଗ୍ୟ ଭୂତଳ ଜଳ ଉତ୍ସ **୪୯୫୨୦** ଏଚଏଏମ୍ ଭାବରେ ହିସାବ କରାଯାଇଛି ଏବଂ ବାର୍ଷିକ ନେଟ୍ ଭୂତଳ ଜଳ ଡ୍ରାଫ୍ଟ ହେଉଛି **୪୪୩୧** ଏଚଏଏମ୍, ଅବଶିଷ୍ଟ **୪୫୦୮୯** ଏଚଏଏମ୍ ଅତିରିକ୍ତ ଭୂତଳ ଜଳ ବିକାଶ ପାଇଁ ଛାଡ଼ି ଦିଆଯାଇଛି, ଯାହାର କି **୧୩୧୦୮୨** ହେକ୍ଟର ଜଳସେଚନ କରିବାର କ୍ଷମତା ରହିଛି।

ଭୂତଳ ଜଳ ଉତ୍ସବକୁ ଏହି ଜିଲ୍ଲାର **୭୫%** ଅଞ୍ଚଳରେ ବ୍ୟବହାର କରିବାର ସୁଯୋଗ ସହିତ ଅତିରିକ୍ତ ଭୂତଳ ଜଳ ଗଠନ ଯଥା କୂପ **( ୨୨୧୩୨)** ରହିଛି। କୂଅ ସହିତ ବୋର୍ ୱେଲ **(୪୨୬୮)** ଏବଂ ବୋର୍ ୱେଲ୍ **(୫୩୩)** ଜଳସେଚନ ଉଦ୍ଦେଶ୍ୟରେ ରହିଛି। ଏହି ପ୍ରୟୋଗର ପ୍ରଥମ ପର୍ଯ୍ୟାୟରେ **୭୦%** ଭୂତଳ ଜଳ ଅବଶିଷ୍ଟ ରହିଛି ଭାବରେ ବିଚାର କରାଯାଇଛି

ଅଧ୍ୟୟନ କ୍ଷେତ୍ର ଅଞ୍ଚଳରେ ଜଳର ଗୁଣାତ୍ମକ ମାନ ସମୀକ୍ଷା କରିବା ପାଇଁ ଛଅଟି ଭୂତଳ ଜଳ ନମୁନା ସଂଗ୍ରହ କରାଯାଇଥିଲା। ଏହି ଭୂତଳ ଜଳ ନମୁନାଗୁଡିକର ଭୌତିକ**,** ରାସାୟନିକ ଏବଂ ଜୈବିକ ଗୁଣାବଳି ଆଇଏସ- **୧୦୫୦୦:୧୯୯୧** ଅଧିନରେ ନିର୍ଦ୍ଧାରିତ ସୀମା ମଧ୍ୟରେ ରହିଥିବାର ଦେଖିବାକୁ ମିଳିଥିଲା।

## ୩.୫ ଜମି ପରିବେଶ

### ୩.୫.୧ ଜମି ବ୍ୟବହାରଶୈଳୀ

କଳାହାଣ୍ଡି **୧୯୦ ୮'** ଉତ୍ତର ରୁ **୨୦୦ ୨୫'** ଉତ୍ତର ଦ୍ରାଘିମା ମଧ୍ୟରେ ଏବଂ **୮୨୦ ୩୨'** ପୂର୍ବ ଏବଂ **୮୩୦ ୪୭'** ପୂର୍ବ ଅକ୍ଷାଂଶ ମଧ୍ୟରେ ଅବସ୍ଥିତ।ଏହି ଅଧ୍ୟୟନ କ୍ଷେତ୍ରର **୧୦** କିଲୋମିଟର ବ୍ୟାସ୍ କ୍ଷେତ୍ରରେ **୩୬**ଟି ଗ୍ରାମ ରହିଛି। ସମୁଦାୟ ଜିଲ୍ଲାର କ୍ଷେତ୍ରଫଳ **୩୨%** ପ୍ରାୟ **୨,୫୦୦** ବର୍ଗକିଲୋମିଟର। ଅଣକୃଷି ଜମିଗୁଡିକ ଅଧିନରେ ଘରବାରି**,** ରାସ୍ତା**,** ରେଳପଥ ଏବଂ ଭୂତଳଜଳ**,** ଯଥା ନଦୀ ଓ କେନାଲ ଦ୍ୱାରା ଅଧିକୃତ ହୋଇଛି। ଜିଲ୍ଲାରେ ଏହି ବର୍ଗ ଅଧିନରେ ପ୍ରାୟ **୪୧୩୭୨** ହେକ୍ଟର ଜମି ରହିଛି। ଜିଲ୍ଲାର କ୍ଷେତ୍ରଫଳର **୫୬୯୬୧** ହେକ୍ଟର ସଂପୂର୍ଣ୍ଣ ଅନାବାଦୀ ଏବଂ କୃଷି ପାଇଁ ଅନୁପଯୁକ୍ତ ଯାହାକି ପାହାଡ଼**,** ପର୍ବତ**,** ମରୁଭୂମି ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରେ। ଏହାକୁ କୃଷି ଉପଯୋଗୀ କରିବା ପାଇଁ ପ୍ରଚୁର ଅର୍ଥ ଖର୍ଚ୍ଚ କରିବାକୁ ହେବ। ସମୁଦାୟ ଜିଲ୍ଲାର **୩୫୦୧୬୦** ହେକ୍ଟର ଶସ୍ୟ ଏବଂ ଉଦ୍ୟାନ ଅଧିନରେ ଦର୍ଶାଯାଇଥିବା ଅଞ୍ଚଳ ମଧ୍ୟରେ ପଡେ**,** ଗଣାଯାଇଥିବା ଅଞ୍ଚଳରେ ସମାନ ବର୍ଷରେ ଗୋଟିଏ ଥରରୁ ଅଧିକ ଥର ଶସ୍ୟ ବୁଣାଯାଇଥାଏ।

### ୩.୫.୨ ମାଟିର ବୈଶିଷ୍ଟ୍ୟ

କଳାହାଣ୍ଡି ଜିଲ୍ଲାର ମାଟି ନାଲି, କଳା ଏବଂ ବାଲିଆ କୃଷ୍ଣସାର ମୃତ୍ତିକାର ସମାହାର। ଏହି ଜିଲ୍ଲାର ମୃତ୍ତିକାକୁ ମୁଖ୍ୟତଃ **୫** ଭାଗରେ ବିଭକ୍ତ କରାଯାଇଛି

a) ନାଲି ଲାଟେରାଇଟ୍

b) କଳା କାଦୁଆ

c) ବାଲିଆ ପଟୁ

d) କାଦୁଆ

e) ନାଲି ବାଲିଆ ପଟୁ

**ଅଧ୍ୟୟନ କ୍ଷେତ୍ରର ମୃତ୍ତିକାର ଗୁଣାତ୍ମକ ମାନର ଆଧାରରେଖା ସ୍ଥିତି ସମୀକ୍ଷା କରିବା ପାଇଁ ବିଭିନ୍ନ ସ୍ଥାନରୁ ଛଟି ମୃତ୍ତିକା**

**ନମୁନା ସଂଗ୍ରହ କରାଯାଇଥିଲା। ମୃତ୍ତିକା ନମୁନାର ସାମଗ୍ରିକ ସାନ୍ଦ୍ରତା ୧.୨୯ରୁ ୧.୪୬ ଗ୍ରାମ୍/ ଘନ ସେଣ୍ଟିମିଟର ମଧ୍ୟରେ ରହିଛି। ସମସ୍ତ ସ୍ଥାନର ମୃତ୍ତିକା ମଧ୍ୟମ ଭାବରେ ଛିଦ୍ରଯୁକ୍ତ (ଛିଦ୍ରଯୁକ୍ତତା ୪୭.୯ରୁ ୫୮.୪% ମଧ୍ୟରେ ରହିଛି) । ମୃତ୍ତିକା ନମୁନାର ପିଏଚ୍ ୭.୩୫ରୁ ୭.୮୦ ମଧ୍ୟରେ ରହିଥିଲା। ବିଭିନ୍ନ ପ୍ରକାରର ମାଟିର ନମୁନାରେ ଉପଲବ୍ଧ ଯବକ୍ଷାରଜାନର ସମୁଦାୟ ସ୍ତର ୨୨୮ରୁ ୨୮୦ କିଗ୍ରା/ ହେକ୍ଟର ମଧ୍ୟରେ ଉପଲବ୍ଧ ରହିଥିଲା। ଉପଲବ୍ଧ ଯବକ୍ଷାରଜାନର ମଛିଆଲ୍ ଗ୍ରାମ ପାଇଁ ସର୍ବାଧିକ ଓ ଜୁନାଗଡ଼ ଗ୍ରାମ ପାଇଁ ସର୍ବନିମ୍ନ ରହିଛି। ଯବକ୍ଷାରଜାନର ସର୍ବୋଚ୍ଚ ମୂଲ୍ୟ ଅନୁକୂଳ ସ୍ଥିତି ଯୋଗୁଁ ହୋଇପାରେ ଯାହାକି ମୃତ୍ତିକା ପରିସଂସ୍ଥାନରେ ଯବକ୍ଷାରଜାନ ନିଷ୍କାସନକୁ ପ୍ରଭାବିତ କରିଥାଏ। ଅଧ୍ୟୟନ କ୍ଷେତ୍ରରେ ଉପଲବ୍ଧ ଫସଫରସର ଘନତା  ୩୮ ରୁ ୪୪ କି.ଗ୍ରା./ ହେକ୍ଟର ମଧ୍ୟରେ ରହିଥାଏ। ଉପଲବ୍ଧ ପୋଟାସିଅମ୍ର ଘନତା ୨୧୮ରୁ ୨୬୪ ମି.ଗ୍ରା. /୧୦୦ଗ୍ରାମ୍ ମଧ୍ୟରେ ରହିଥିଲା।୩.୬**

**ଜୈବିକ ପରିବେଶ**

ସାଧାରଣତଃ ଏହି ଅଞ୍ଚଳର ମାଟିର ଉର୍ବର ହୋଇଥାଏ, ଯାହାକି ଏହି ଅଞ୍ଚଳକୁ ଫୁଲ ଫଳରେ ଭରିଦେଇଥାଏ। ଉପଲବ୍ଧ ଅଞ୍ଚଳରେ କୃଷି ଅତ୍ୟନ୍ତ ପ୍ରଭାବଶାଳୀ ପେସା। ଏହି ଅଞ୍ଚଳରେ ମୁଖ୍ୟତଃ ଗହମ, ଧାନ, ମକା, ପନିପରିବା ଇତ୍ୟାଦି ଚାଷ କରାଯାଏ। ଅଧ୍ୟୟନ କରାଯାଉଥିବା କ୍ଷେତ୍ରରେ ବିଭିନ୍ନ ପ୍ରକାରର ଗଛ ଦେଖାଯାଏ। ଚାରଣ ଭୂମି ମଧ୍ଯ ରହିଛି। ଏହି ଅଧ୍ୟୟନ କ୍ଷେତ୍ରର ଆଖପାଖ ଅଞ୍ଚଳରେ କୌଣସି ପ୍ରାକୃତିକ ଅଭୟାରଣ୍ୟ ନାହିଁ। ଏହି ଅଞ୍ଚଳରେ ଦେଖାଯାଉଥିବା ପଶୁପକ୍ଷୀମାନେ ହେଉଛନ୍ତି- ସମ୍ବର, ନୀଳ ଗାଇ, ବଣୁଆ, ବାରାହା, କୁକୁର, ଛେଳି, ଗାଈ, ମଇଁଷି, ଘୋଡ଼ା, ଗଧ ଏବଂ ବିଲେଇ ଇତ୍ୟାଦି।

**୩.୭ ସାମାଜିକ- ଅର୍ଥନୈତିକ ପରିବେଶ**

; ଏହି ଅଧ୍ୟୟନ କ୍ଷେତ୍ରର ସାମାଜିକ- ଅର୍ଥନୈତିକ ପ୍ରୋଫାଇଲ୍ ନିମ୍ନରେ ଦିଆଯାଇଛି;

- ***ସେଟେଲମେଣ୍ଟ ବା ବନ୍ଦୋବସ୍ତ ଶୈଳୀ:*** ଏହି ଅଧ୍ୟୟନ କ୍ଷେତ୍ର ଜୁନାଗଡ଼ ତହସିଲ ଏବଂ କଳାହାଣ୍ଡି ଜିଲ୍ଲା ଅଧିନରେ ରହିଛି ଏହା ସହିତ ଏହି ଅଧ୍ୟୟନ କ୍ଷେତ୍ର ଅଧିନରେ ପ୍ରାୟ **୩୬**ଟି ଗ୍ରାମ ରହିଛି।
- ***ଡାକ୍ତରଖାନା ଏବଂ ଜନସ୍ୱାସ୍ଥ୍ୟ:*** ଏହି ଜିଲ୍ଲାର ଗତ ଦୁଇ ଦଶନ୍ଧୀ ମଧ୍ୟରେ ଡାକ୍ତରଖାନା ଏବଂ ଜନସ୍ୱାସ୍ଥ୍ୟ ସୁବିଧା କ୍ଷେତ୍ରରେ ଆଖିଦୃଶିଆ ପରିବର୍ତ୍ତନ ହୋଇଛି। ଏହି ଜିଲ୍ଲାରେ ଗୋଟିଏ ଏଲୋପାଥିକ୍ ହସ୍ପିଟାଲ୍, **୪୩**ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ତିନିଟି ଉପକେନ୍ଦ୍ର ରହିଛି। ସାମଗ୍ରୀକ ଭାବରେ ଜିଲ୍ଲାରେ ଡାକ୍ତରୀ ସୁବିଧାର ଅଭାବ ରହିଛି। କିନ୍ତୁ ତଥାପି ଏହି ଜିଲ୍ଲା ଏହାର ସମସ୍ୟାର ମୁକାବିଲା କରିବା ପାଇଁ ସଂଗ୍ରାମ ଜାରି ରଖିଛି।
- ***ଶିକ୍ଷା:*** କଳାହାଣ୍ଡି ଜିଲ୍ଲାର ହାରାହାରି ସାକ୍ଷରତା ହାର **୨୦୧୧** ମସିହାରେ **୫୯.୨୨%** ରହିଥିଲା, ଯାହାକି **୨୦୦୧** ମସିହାରେ ଥିଲା **୪୫.୯୪%**। ଯଦି ଲିଙ୍ଗଭିତ୍ତିରେ ଏହି ସଂଖ୍ୟା ଉପରେ ନଜର ପକାଯାଏ ତେବେ ପୁରୁଷ ଏବଂ ମହିଳା ସାକ୍ଷରତା ହାର ଥିଲା ଯଥାକ୍ରମେ **୭୧.୯୦** ଏବଂ **୪୬.୬୮%** । କଳାହାଣ୍ଡି ଜିଲ୍ଲାର ସମୁଦାୟ ସାକ୍ଷରଙ୍କର ସଂଖ୍ୟା ଥିଲା **୮୦୨, ୦୩୬** । ସେମାନଙ୍କ ମଧ୍ୟରୁ **୨୦୧୧** ସେନ୍ସସ ଅନୁଯାୟୀ ପୁରୁଷ ଓ ମହିଳାମାନଙ୍କର ସଂଖ୍ୟା ଯଥାକ୍ରମେ **୪୮୪,୧୭୭** ଏବଂ **୩୧୭,୮୫୯** ରହିଥିଲା। ଏମଏସଏମଇ ରିପୋର୍ଟ ଅନୁଯାୟୀ **୨୨୩୪**ଟି ପ୍ରାଥମିକ ବିଦ୍ୟାଳୟ, **୭୭୧**ଟି ମାଧମିକ ବିଦ୍ୟାଳୟ, **୩୦୫**ଟି ସିନିଅର ସେକେଣ୍ଡାରୀ ସ୍କୁଲ୍ ଏବଂ **୬୨**ଟି କଲେଜ ଏହି ଜିଲ୍ଲାରେ ରହିଛି।
- ***ସାମାଜିକ ପରିସଂଖ୍ୟାନ:*** **୨୦୧୧** ସେନ୍ସସ ଅନୁଯାୟୀ କଳାହାଣ୍ଡିର ଜନସଂଖ୍ୟା **୧୫,୭୬,୮୬୯**। ଜିଲ୍ଲାର ଅଧ୍ୟୟନ କ୍ଷେତ୍ରରେ ପୁରୁଷଙ୍କ ସହିତ ମହିଳା ଜନସଂଖ୍ୟାର ଅନୁପାତ ରହିଥିଲା **୧୦୦୦:୧୦୦୩**। ଏହି ଅଧ୍ୟୟନ କ୍ଷେତ୍ରରେ

**୨୦୦୧** ମସିହାରେ ଜନସଂଖ୍ୟାର ସାନ୍ଦ୍ରତା ପ୍ରତି ବର୍ଗକିଲୋମିଟର ପିଛା **୧୬୯** ବ୍ୟକ୍ତି ରହିଥିଲା, ଯାହାକି **୨୦୧୧** ସେନ୍‌ସସ ବେଳକୁ ପ୍ରତି ବର୍ଗକିଲୋମିଟର ପିଛା **୧୯୯**କୁ ବୃଦ୍ଧି ପାଇଥିଲା।

- ***ଅର୍ଥନୈତିକ ପ୍ରୋଫାଇଲ୍:*** ଏହି ବିଭାଗ ଏହି ଅଧ୍ୟୟନର ଆର୍ଥିକ ଦିଗଗୁଡ଼ିକୁ ଅନ୍ତର୍ଭୁକ୍ତ କରେ, ଯାହାକି ଏଠାରେ ବାସ କରୁଥିବା ବ୍ୟକ୍ତିମାନଙ୍କର ବୃତ୍ତିଗତ ଚିତ୍ର ସାମିଲ୍ କରିବା। ଏହି ଅଧ୍ୟୟନ କ୍ଷେତ୍ରରେ ଜନସଂଖ୍ୟାକୁ ତିନୋଟି ବର୍ଗରେ ବିଭକ୍ତ କରା ଯାଇଛି, ଯଥା ମୁଖ୍ୟ ଶ୍ରମିକ, ନାମକୁ ମାତ୍ର ଶ୍ରମିକ ଏବଂ ଅଣଶ୍ରମିକ । ସମୁଦାୟ ଜନସଂଖ୍ୟା ମଧ୍ୟରୁ ପ୍ରାୟ ***୬*** ଲକ୍ଷ **୨୦** ହଜାର ହେଉଛନ୍ତି ଶ୍ରମିକ। ସେମାନଙ୍କ ମଧ୍ୟରୁ **୩୮୧,୦୦୦** ପୁରୁଷ ଶ୍ରମିକ ଏବଂ **୨୩୯,୦୦୦** ମହିଳା ଶ୍ରମିକ। ସମୁଦାୟ ଶ୍ରମିକମାନଙ୍କ ମଧ୍ୟରୁ ମୁଖ୍ୟ ଶ୍ରମିକ ବା ମେନ୍ ୱାର୍କର ହେଉଛନ୍ତି ସମୁଦାୟ **୩୮୨,୦୫୦**।

## ୪.୦ ପରିବେଶର ପ୍ରଭାବ ଚିହ୍ନଟକରଣ ଏବଂ ସମୀକ୍ଷା

ବର୍ତ୍ତମାନର ଅଧ୍ୟୟନରେ ପ୍ରସ୍ତାବିତ ବିକାଶ ଯୋଗୁଁ, ପାରିପାର୍ଶ୍ୱିକ ପରିବେଶ ଉପରେ ଅନୁମାନ କରାଯାଉଥିବା ସର୍ବାଧିକ ସମ୍ଭାବ୍ୟ ପ୍ରଭାବ ବିଷୟରେ ଦିଆଯାଇଛି।

## ୪.୧ ପ୍ରଭାବ ଚିହ୍ନଟକରଣ

### ୪.୧.୧ ଭୂମିରେ ପରିବର୍ତ୍ତନ/ କ୍ଷେତ୍ର ଚିହ୍ନଟକରଣ

| | |
|---|---|
| • ବାୟୁମଣ୍ଡଳ | ଏହି ପ୍ରକଳ୍ପ ଯୋଗୁଁ ବାୟୁମଣ୍ଡଳ ଉପରେ କୌଣସି ଆଖିଦୃଶିଆ ପ୍ରଭାବ ପଡ଼ିବ ନାହିଁ। |
| • ଜଳ ଉତ୍ସଗୁଡ଼ିକ | ଅନିୟନ୍ତ୍ରିତ ଭାବରେ ଭୂମି ଧୋଇଯିବା ସୀମିତ ହେବ ଏବଂ ବନ୍ୟାଜଳ ପରିଚାଳନାର ଜଳ ଉତ୍ସ ଉପରେ ଅନୁକୂଳ ପ୍ରଭାବ ପକାଇବ। |

### ୪.୧.୨ ଉତ୍ସ ଆହରଣ ଏବଂ ଖର୍ଚ୍ଚ/ ନବୀକରଣ

| | |
|---|---|
| • ବାୟୁମଣ୍ଡଳ | ଏହି ପ୍ରକଳ୍ପ ଯୋଗୁଁ ବାୟୁମଣ୍ଡଳ ଉପରେ କୌଣସି ଆଖିଦୃଶିଆ ପ୍ରଭାବ ପଡ଼ିବ ନାହିଁ। |
| • ଜଳ ଉତ୍ସଗୁଡ଼ିକ | ଏହି ଶିଳ୍ପର ଆବଶ୍ୟକତା ପାଇଁ ନଦୀଜଳ ବ୍ୟବହାର କରାଯାଉଥିବାରୁ ଭୂତଳ ଜଳ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ |
| ⊙ *ଅର୍ଥନୈତିକ ସ୍ଥିତି* | ଏହି କାର୍ଯ୍ୟକଳାପ ଫଳରେ ଅତିରିକ୍ତ କାର୍ଯ୍ୟ ଓ ବ୍ୟବସାୟ ସୁଯୋଗ ସୃଷ୍ଟି ହେବ। |

### ୪.୧.୩ ପ୍ରକ୍ରିୟାକରଣ/ ଶିଳ୍ପଭିତ୍ତିକ କାର୍ଯ୍ୟକଳାପ

| | |
|---|---|
| • ବାୟୁମଣ୍ଡଳ | ଗ୍ୟାସୀୟ ବିକିରଣର ସାମାନ୍ୟ ସ୍ଥାନୀୟ ପ୍ରଭାବ ରହିବ। |
| ⊙ *ଅର୍ଥନୈତିକ ସ୍ଥିତି* | ଏହି କାର୍ଯ୍ୟକଳାପ ଯୋଗୁଁ ଅତିରିକ୍ତ ନିଯୁକ୍ତି ଓ ବ୍ୟବସାୟ ସୁଯୋଗ ସୃଷ୍ଟି ହେବ। |

## ୪.୨ ମହତ୍ତ୍ୱପୂର୍ଣ୍ଣ ପ୍ରଭାବର ପରିମାଣ ଆକଳନ

ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇବା ପାଇଁ ଏକ ମାତ୍ର ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଉଛି ଫ୍ଲୁ ଗ୍ୟାସ୍ ବିକିରଣ। ଫ୍ଲୁ ଗ୍ୟାସ ବିକିରଣର ମୁଖ୍ୟ ଉପାଦାନ ହୋଇଥାଏ ଏସପିଏମ୍ ଏବଂ ସଲଫର୍ ଡାଇଅକ୍ସାଇଡ୍, ଯାହାର ମଡେଲ ପ୍ରସ୍ତୁତ କରାଯିବା ଓ ପରିମାଣ ନିର୍ଦ୍ଧାରଣ କରାଯିବା ଆବଶ୍ୟକ, ଗୌସିଆନ୍ ପ୍ଲୁମ୍ ଡିସପର୍ସନ ମଡେଲ (ପିଟିଏମଟିପି) ବ୍ୟବହାର କରିବା ଦ୍ୱାରା କମ୍ପ୍ୟୁଟର ମଡେଲିଂ କରାଯାଇ ଟୁ ଗ୍ୟାସ ବିକିରଣର ବାୟୁମଣ୍ଡଳ ଉପରେ ପ୍ରଭାବ ଓ ଭୂପୃଷ୍ଠ ଉପରେ ପ୍ରଭାବ ବିଷୟରେ ଆକଳନ କରାଯାଇଛି।

ମଡେଲିଂ ଅନୁଯାୟୀ, ପ୍ରକଳ୍ପ କାରଣରୁ ଏସପିଏମ୍ ଏବଂ ସଲଫର ଡାଇଅକ୍ସାଇଡ୍ ସ୍ତରରେ ବୃଦ୍ଧି ଏସ୍ପିଏମ୍ ପାଇଁ ୮ ମାଇକ୍ରୋଗ୍ରାମ୍/ ଘନମିଟର ଏବଂ ସଲଫର ଡାଇଅକ୍ସାଇଡ୍ ପାଇଁ ୩.୫ ମିଲିଗ୍ରାମ୍ ମାଇକ୍ରୋଗ୍ରାମ୍/ ଘନମିଟରରୁ କମ୍ ହେବ। ବାୟୁମଣ୍ଡଳରେ ସାମଗ୍ରିକ ଭାବରେ ଏସ୍‌ପିଏମ୍ ଏବଂ ସଲ୍‌ଫର୍ ଡାଇଅକ୍ସାଇଡ୍‌ର ଘନତା ଅନୁମତିଯୋଗ୍ୟ ସୀମା ମଧ୍ୟରେ ରହିଥାଏ।

## ୫.୦ ପରିବେଶ ପରିଚାଳନା ଯୋଜନା

## ୫.୧ ପ୍ରଶମନ ପଦକ୍ଷେପଗୁଡିକ

### ୫.୧.୧ ବର୍ଜ୍ୟଜଳ ସୃଷ୍ଟି ଓ ବିଶୋଧନ

ଡିଷ୍ଟିଲେସନ ପ୍ରକ୍ରିୟାରୁ ସ୍ପେଣ୍ଟ୍ ୱାସ୍ ପ୍ରକ୍ରିୟା: ଏହି ପ୍ରୋଜେକ୍ଟ ଫଳରେ ଡିଷ୍ଟିଲେସନ ପ୍ରକ୍ରିୟାରୁ ସ୍ପେଣ୍ଟ୍ ୱାସ୍ ସୃଷ୍ଟି ହେବ। ଏହି ସ୍ପେଣ୍ଟ୍ ୱାସ୍ @ ୪୫ କେଏଲ/ ଦିବସ ଉତ୍ପାଦନ ସମୟରେ @୨୭୦ଘନମିଟର/ଦିନ ପରିମାଣରେ ସୃଷ୍ଟି ହେବ। ଡିକାଣ୍ଟେସନ ପରେ ୪୦ ମେଟ୍ରିକ୍ ଟନ୍/ ଦିବସ ଓଦା ପିଡିଆ ବା କେକ୍ ସୃଷ୍ଟି ହେବ ଏବଂ ସମୁଦାୟ ପତଳା ସ୍ଲପ୍ ସୃଷ୍ଟି ୨୩୦ ମେଟ୍ରିକ୍ ଟନ୍/ ଦିବସ ହେବ। ଏହା ମଧ୍ୟରୁ ୫୦ ମେଟ୍ରିକ୍ ଟନ୍/ ଦିବସ ପତଳା ସ୍ଲପ୍ ତରଳିକରଣ ପ୍ରକ୍ରିୟାରେ ପୁନଃବ୍ୟବହୃତ ହେବ ଏବଂ ଅବଶିଷ୍ଟ ୧୮୦ ମେଟ୍ରିକ୍ ଟନ୍/ ଦିବସ ସ୍ପେଣ୍ଟ୍ ୱାସ୍ ବହୁ ପ୍ରଭାବୀ ବାଷ୍ପୀଭବନ ପ୍ରଣାଳୀରେ ବିଶୋଧିତ ହେବ। ପ୍ରକ୍ରିୟାରୁ କଣ୍ଡେନସେଟ୍ ଏବଂ ଏମଇଇ: ଏହି ପ୍ରକଳ୍ପ ଫଳରେ ଡିଷ୍ଟିଲେସନ ପ୍ରକ୍ରିୟାରୁ କଣ୍ଡେନସେଟ୍ (ସ୍ପେଣ୍ଟ ଲିଜ୍) ଏବଂ ଏକାଧିକ ପ୍ରଭାବୀ ବାଷ୍ପୀଭବନ କଣ୍ଡେନସେଟ୍ ସୃଷ୍ଟି ହେବ। ସ୍ପେଣ୍ଟ୍ ଲି @ ୬୦ଘନମିଟର/ଦିନ ଏବଂ ଏମ୍‌ଇଇ କଣ୍ଡେନସେଟ୍ @ ୧୫୦ଘନମିଟର/ଦିନ ପରିମାଣରେ ସୃଷ୍ଟି ହେବ। ବିଶୋଧନ ପରେ ସମୁଦାୟ କଣ୍ଡେନସେଟ୍ ପୁଲିଂ ଟାୱାରର ପାଣିର ପରିମାଣ ଭରିବା ପାଇଁ ବ୍ୟବହାର କରାଯିବ। ଉପର ବର୍ଣ୍ଣନା କରାଯାଇଥିବା ଷ୍ଟ୍ରିମ୍ ସହିତ, ଏଫ୍ଲୁଏଣ୍ଟ ମଧ୍ୟ ଆନୁସଂଗିକ ଅନ୍ୟାନ୍ୟ ଷ୍ଟ୍ରିମ୍‌ରୁ ନିର୍ଗତ ହେବ। ଯଥା: ୱାସିଂ ଆଫ୍ଲୁଏଣ୍ଟ @ ୧୦ଘନମିଟର/ଦିନ, କୁଲିଂ ଟାୱାର ବ୍ଲୋ ଡାଉନ୍ @ ୩୫ଘନମିଟର/ଦିନ, ଡୋମେଷ୍ଟିକ୍ ଏଫ୍ଲୁଏଣ୍ଟ ବା ଘରୋଇ ତରଳ ବର୍ଜ୍ୟବସ୍ତୁ @ ୦୯ଘନମିଟର/ଦିନ, ଡି.ଏମ୍. ପ୍ଲାଣ୍ଟ ରିଜେକ୍ଟ @ ୧୫ଘନମିଟର/ଦିନ, ବଟଲ୍ ୱାସ୍/ ସ୍ପିଲେଜ୍ @୨୨ଘନମିଟର/ଦିନ ଏବଂ ବଏଲର ବ୍ଲୋ ଡାଉନ @ ୧୫ଘନମିଟର/ଦିନ। ଏହି ଏଫ୍ଲୁଏଣ୍ଟ୍ ମଧ୍ୟମ ପ୍ରଦୂଷିତ ହୋଇଥାଏ ଏବଂ ବିଶୋଧିତ ହେବା ପରେ ଜମିରେ ଜଳସେଚନ ପାଇଁ ବ୍ୟବହାର କରାଯାଇପାରିବ।.

ପ୍ରତି ୟୁନିଟ୍‌ରୁ ସୃଷ୍ଟି ହେଉଥିବା ଏଫ୍ଲୁଏଣ୍ଟର ବିବରଣୀ ନିମ୍ନରେ ଦିଆଯାଇଛି:

| କ୍ର.ସଂ. | ଉଦ୍ଦେଶ୍ୟ | ପର୍ଯ୍ୟାୟ ୧ | ପର୍ଯ୍ୟାୟ ୨ | ସମୁଦାୟ |
|---|---|---|---|---|
| ୧. | **ଶସ୍ୟଭିତ୍ତିକ ଡିଷ୍ଟିଲେରୀ ପ୍ରକ୍ରିୟା** | | | |
| | ସ୍ପେଣ୍ଟ୍ ୱାସ୍ | ୨୭୦ଘନମିଟର/ଦିନ | ୨୭୦ଘନମିଟର/ଦିନ | ୫୪୦ଘନମିଟର/ଦିନ |
| | ସ୍ପେଣ୍ଟ ଲି | ୬୦ଘନମିଟର/ଦିନ | ୬୦ଘନମିଟର/ଦିନ | ୧୨୦ଘନମିଟର/ଦିନ |
| | ଏମଇଇ କଣ୍ଡେନସେଟ୍ | ୧୫୦ଘନମିଟର/ଦିନ | ୧୫୦ଘନମିଟର/ଦିନ | ୩୦୦ଘନମିଟର/ଦିନ |
| | ଫର୍ମେଣ୍ଟର/ ଫ୍ଲୋର ୱାସିଂ | ୨୦ଘନମିଟର/ଦିନ | ୨୦ଘନମିଟର/ଦିନ | ୪୦ଘନମିଟର/ଦିନ |
| | କୁଲିଂ ଟାୱାର ବ୍ଲୋ ଡାଉନ୍ | ୩୫ଘନମିଟର/ଦିନ | ୩୫ଘନମିଟର/ଦିନ | ୭୦ଘନମିଟର/ଦିନ |
| | ଡୋମେଷ୍ଟିକ୍ ଏଫ୍ଲୁଏଣ୍ଟ୍ | ୯ଘନମିଟର/ଦିନ | ୯ଘନମିଟର/ଦିନ | ୧୮ଘନମିଟର/ଦିନ |
| | ଡି ଏମ୍ ପ୍ଲାଣ୍ଟ ରିଜେକ୍ଟ | ୧୫ଘନମିଟର/ଦିନ | ୧୫ଘନମିଟର/ଦିନ | ୩୦ଘନମିଟର/ଦିନ |
| ୨. | **ବଟଲିଂ ସେକ୍ସନ** | | | |
| | ବଟଲ୍ ୱାସିଂ ଏବଂ ସ୍ପିଲେଜ୍ | ୧୨ଘନମିଟର/ଦିନ | ୧୨ଘନମିଟର/ଦିନ | ୨୪ଘନମିଟର/ଦିନ |
| ୩. | **ବଏଲର ବିଭାଗ** | | | |
| | ବଏଲଣ ବ୍ଲୋ ଡାଉନ୍ | ୧୫ଘନମିଟର/ଦିନ | ୧୫ଘନମିଟର/ଦିନ | ୩୦ଘନମିଟର/ଦିନ |

### ୫.୧.୨ ବାୟୁ ପ୍ରଦୂଷଣ

ଏହି ଶିଳ୍ପ ଯୋଜନା ଏକ **୩୦** ଟିପିଏଚ୍ କ୍ଷମତାଯୁକ୍ତ ଫ୍ଲୁଡାଇଜ୍ଡ ବେଡ୍ ବଏଲର **(ଏଫବିସି)** ଜଳୀୟ ବାଷ୍ପ ପାଇଁ ଏବଂ ପ୍ରସ୍ତାବିତ ଡିଷ୍ଟିଲେରୀ ୟୁନିଟ୍‌ର ପର୍ଯ୍ୟାୟ **୧** ପାଇଁ **୩.୦** ମେଗାୱାଟ୍‌ର ପାୱାର କୋଜେନେରେସନ ପ୍ଲାଣ୍ଟ ସଂସ୍ଥାପନ କରିଥାଏ। ପର୍ଯ୍ୟାୟ **୧**ର କମିଶନିଂ ଆରମ୍ଭ ହେବା ପରେ ପର୍ଯ୍ୟାୟ **୨**ରେ ସମାନ ପ୍ରକାରର ୟୁନିଟ୍ ସଂସ୍ଥାପିତ

ହୋଇଥାଏ। ଏଫବିସି ବଏଲର ଫର୍ନେସ୍ ଜୈବବସ୍ତୁ ଏବଂ କୋଇଲାକୁ ଇନ୍ଧନ ଭାବରେ ଜାଳିବା ପାଇଁ ସର୍ବଶ୍ରେଷ୍ଠ ଟେକ୍ନୋଲୋଜି।

ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରଣାଳୀ ବଏଲର ଫର୍ନେସରୁ ଦହନ ବିକିରଣ ପାଇଁ ନିମ୍ନଲିଖିତଗୁଡିକୁ ନେଇ ଗଠିତ ହେବ,

a) ଏପିସିଡିକୁ ବିକିରଣ ପରିବହନ ପାଇଁ ଡକ୍ଟିଂ ବ୍ୟବସ୍ଥା

b) ଏକ ଏପିସିଡି- ଇଲେକ୍ଟ୍ରୋ-ଷ୍ଟାଟିକ୍ ପ୍ରେସିପିଟେଟର

c) ଏକ ଆଇଡି ଫ୍ୟାନ୍,ଏବଂ

d) ଯଥେଷ୍ଟ ଉଚ୍ଚରେ ପରିଷ୍କୃତ ଫ୍ଲୁ ଗ୍ୟାସ ନିଷ୍କାସନ ପାଇଁ ଏକ ଷ୍ଟାକ୍

**୫.୧.୩ କଠିନ ବର୍ଜ୍ୟବସ୍ତୁ**

ଏହି ପ୍ଲାଣ୍ଟ୍ ବ୍ୟବସ୍ଥା ଯୋଗୁଁ ସର୍ବାଧିକ **୧୫** ମେଟ୍ରିକ୍ ଟନ୍/ ଦିବସ ପାଉଁ ସୃଷ୍ଟି ହେବ। ଏହି ପାଉଁଶର ପରିଚାଳନା ସଂପୂର୍ଣ୍ଣ ଭାବରେ ଆବଦ୍ଧ ପ୍ରଣାଳୀରେ ହେବ। ଏହି ପାଉଁଶ ପରିଚାଳନା ପ୍ରଣାଳୀ **୧୦୦%** ଇନ୍ଧନ ଦହନ ପାଇଁ ପରିକଳ୍ପନା କରାଯାଇଛି। ଫର୍ନେସର ତଳ ଅଂଶରୁ ସଂଗୃହିତ ପାଉଁଶ **(**ବଟମ୍ ଆସ୍**)** ଏବଂ ଏୟାର ହିଟର ହପର ଏବଂ ପିଏସପି **(**ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରଣାଳୀ**)** ହପରକୁ ଏକ ଆସ୍ ସିଲୋକୁ ନ୍ୟୁମାଟିକ୍ କନ୍‌ଭେଇଙ୍ଗ ସିଷ୍ଟମ୍ ମାଧମରେ ନିଆଯିବ। ଆସ୍ ସିଲୋର ଏକ ଦିନର ପାଉଁଶ ସାଇତି ରଖିବାର କ୍ଷମତା ରହିବ। ଏହି ସିଲୋରୁ ପାଉଁଶ ଆସ୍ କଣ୍ଡିସନର ମଧ୍ଯ ଦେଇ ବାହାର କରାଯିବ ଏବଂ ଭୂମିରେ ସାଇତି ରଖାଯିବ। ଶେଷରେ ଏହି ପାଉଁଶକୁ ଫ୍ଲାଇଆସ୍ ଇଟା ତିଆରି କରିବା ପାଇଁ ନିକ୍ଷେପଣ କରାଯିବ। ଏହି ଶିଳ୍ପଭିତ୍ତିକ ୟୁନିଟ୍ ପ୍ରାୟ **୫୦୦** ବର୍ଗମିଟରର ହେବ ଏବଂ କେବଳ ପାଉଁଶ ପରିଚାଳନା ପାଇଁ ବିକଶିତ ହୋଇଛି।

**୫.୧.୪ ସବୁଜ କ୍ଷେତ୍ର ବିକାଶ**

ଉପର ବର୍ଣ୍ଣିତ ମାନଦଣ୍ଡଗୁଡିକୁ ବିଚାର କରି, ସବୁଜ କ୍ଷେତ୍ର ଆଚ୍ଛାଦନ ଡିଷ୍ଟିଲେରୀ ପ୍ରୋଜେକ୍ଟ ସ୍ଥଳର ସମୁଦାୟ ପ୍ରକଳ୍ପ ସ୍ଥାନର **୩୩%** ହେବ। ଏହି ସବୁଜ ବଳୟ ବୃକ୍ଷ**,** ଗୁଳ୍ମ ଅର୍ଥକାରୀ ବୃକ୍ଷ**,** ଶସ୍ୟ ଓ କୁଣ୍ଡରେ ଗଛକୁ ନେଇ ଗଠିତ ହେବ। ପ୍ରଦୂଷଣ ସହନୀୟ ଭାବରେ ପରାମର୍ଶ ଦିଆଯାଉଥିବା ସମସ୍ତ ପ୍ରଜାତି ସହିତ ଆଖିକୁ ସୁନ୍ଦର ଦିଶୁଥିବା ଗଛ ଲଗାଯିବ। ବିଭିନ୍ନ ପ୍ରକାରର ବୃକ୍ଷରୋପଣ ପ୍ରଦୂଷଣର କୁପ୍ରଭାବ ହ୍ରାସ କରିବାକୁ ସକ୍ଷମ ହୋଇଥାଏ। ଗଛଗୁଡିକ ମଧ୍ଯ ପବନ ଅଟକାଇଥାଏ ଏବଂ କ୍ଷୁଦ୍ର କଣିକାଗୁଡିକ ଅତିକ୍ରମ କରିବାକୁ ଅଟକାଇଥାଏ ବୃକ୍ଷ ପ୍ରଜାତିଗୁଡିକୁ ଏପରି ଭାବରେ ଲଗାଯିବା ଯେ ସେଗୁଡିକ ପ୍ରଦୂଷକର ପ୍ରଭାବ ନିୟନ୍ତ୍ରଣ କରିବାକୁ ସକ୍ଷମ ହେବ।

**୫.୨ ପରିବେଶ ସଂପର୍କିତ ତତ୍ତ୍ୱାବଧାନ**

ଏହି ଶିଳ୍ପର ନିଜସ୍ୱ ତତ୍ତ୍ୱାବଧାନକାରୀ ପରୀକ୍ଷାଗାର ରହିବ କିମ୍ବା ଏହା ପିପିସିବି/ ସିପିସିବିର ଆବଶ୍ୟକତା ଅନୁଯାୟୀ ବାହ୍ୟ ପରୀକ୍ଷାଗାରଗୁଡିକରୁ ପରିବେଶ ତତ୍ତ୍ୱାବଧାନର ବିଭିନ୍ନ ମାନଦଣ୍ଡ ଲାଭ କରିବେ।

## ୫.୩ ବର୍ଷା ଜଳ କୃଷି

ଏହି ଶିଳ୍ପ ବର୍ଷା ଋତୁରେ ବନ୍ୟା ଜଳ ନିୟନ୍ତ୍ରଣ କରିବା ପାଇଁ ବର୍ଷାଜଳ କୃଷି କୂପ ମଧ୍ୟ ସଂସ୍ଥାପନ କରିବେ। ଏହି କମ୍ପ୍ଲେକ୍ସରେ ପରସ୍ପର ସହିତ ନିଷ୍କାସିତ ବର୍ଷା ଜଳ ସଂଯୁକ୍ତ ହୋଇଥିବା **୨୦**ଟି ରିଚାର୍ଜ ସିଷ୍ଟମ୍ ଦିଆଯିବ। ଏହି ଅଞ୍ଚଳରେ ହାରାହାରି ବୃଷ୍ଟିପାତ ବାର୍ଷିକ ପ୍ରାୟ **୧୩୩୦** ମି.ମି. ରହିଥାଏ। ଧରିନିଅନ୍ତୁ ଯେ ସମୁଦାୟ ପ୍ରକୃତ ବୃଷ୍ଟିପାତର **୭୦%** ରିଚାର୍ଜ ସିଷ୍ଟମ୍‌ର ଉପାଦେୟତା ହେବ। ପ୍ରତିବର୍ଷ ଭୂତଳ ଜଳ **୬୫୦୦୦** ଘନମିଟରରୁ ଅଧିକ ଜଳ ସହିତ ପୁନଃପରିପୂର୍ଣ୍ଣ ହେବ।

## ୫.୪ ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା

ଇଥାନଲ୍ ଉତ୍ପାଦନରେ ସଂରକ୍ଷଣ ପରିଚାଳନା ଏବଂ ବିଭିନ୍ନ ରାସାୟନିକ ପଦାର୍ଥର ବ୍ୟବହାର ଜଡ଼ିତ। ଏହି ରାସାୟନିକ ପଦାର୍ଥ ମଧ୍ୟରୁ କେତେକ ବିଷାକ୍ତ ତଥା ବିପଦଜନକ ପ୍ରକୃତିର ହୋଇଥାଏ। କର୍ମଚାରୀ ଏବଂ ପ୍ଲାଣ୍ଟର ସୁରକ୍ଷା ଦୃଷ୍ଟିରୁ ଏହି ରାସାୟନିକ ପଦାର୍ଥଗୁଡିକ ବିଷୟରେ ସୂଚନା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହା ସହିତ କର୍ମଚାରୀମାନଙ୍କର ସ୍ୱାସ୍ଥ୍ୟ ସ୍ଥିତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ, କାରଣ ଏହି ରାସାୟନିକ ପଦାର୍ଥ ପ୍ରତି ଉନ୍ମୁକ୍ତତା ଯୋଗୁଁ ସେମାନଙ୍କର ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ। ଏହି ଆକସ୍ମିକ, ଦୁର୍ଘଟଣାବଶତଃ କିମ୍ବା ଦୀର୍ଘକାଳୀନ ହୋଇପାରେ। ଉଭୟ ଘଟଣାରେ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ଭିନ୍ନ ଭିନ୍ନ ହେବ। ତେଣୁ ଏହି ରାସାୟନିକ ପଦାର୍ଥ ସହ କାରବାର କଲା ବେଳେ ସୁରକ୍ଷା ସାବଧାନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ଏବଂ ଧ୍ୟାନପୂର୍ବକ ଏହା ଅନୁସରଣ କରିବା ଆବଶ୍ୟକ।

କର୍ମଚାରୀମାନଙ୍କର ସୁସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ପାଇଁ, ପ୍ଲାଣ୍ଟର କର୍ମଚାରୀମାନଙ୍କର ନିୟମିତ ସ୍ୱାସ୍ଥ୍ୟ ଯାଂଚ୍ କରାଯିବ।

ବୃତ୍ତିଗତ ସ୍ୱାସ୍ଥ୍ୟ ଯାଂଚ୍ କାର୍ଯ୍ୟକ୍ରମ ସମସ୍ତ କର୍ମଚାରୀଙ୍କ ପାଇଁ ନିୟମିତ ଭାବରେ କରାଯିବ ଏବଂ ସେଗୁଡିକ ରେକର୍ଡ କରି ରଖାଯିବ।

## ୫.୫ ପରିଚାଳନା, କର୍ମଚାରୀ ନିଯୁକ୍ତି ଏବଂ କ୍ଷମତା ବିକାଶ

ଏହି ଶିଳ୍ପର ଏକ ପରିବେଶ ସଂପର୍କିତ ସ୍ୱାସ୍ଥ୍ୟ ଓ ନିରାପତ୍ତା କମିଟି (ଶିଳ୍ପର ନିୟମିତ କର୍ମଚାରୀମାନଙ୍କ ମଧ୍ୟରୁ) ରହିବ, ଏହାର ମୁଖ୍ୟ ରହିବେ ଜଣେ କୋର୍ଡିନେଟର ଯେ କି ଯଥେଷ୍ଟ ତାଲିମପ୍ରାପ୍ତ ହୋଇଥିବେ।

ମାନବ ସମ୍ବଳ ପାଇଁ ଉପଯୁକ୍ତ ତାଲିମ୍ କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯିବ, ଯେଉଁମାନେ କି ସିଧାସଳଖ ଭାବରେ ପରିବେଶ ନିୟନ୍ତ୍ରଣ ପ୍ରଣାଳୀ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଯୋଜନା ପାଇଁ ଯଥାର୍ଥ କ୍ଷେତ୍ର/ ଦାୟିତ୍ୱରେ ଥିବା ଅଞ୍ଚଳ ପାଇଁ ଦାୟୀ ହେବେ।

ଅନୁମାନ କରାଯାଇଛି ଯେ ଏହି ପ୍ରକଳ୍ପ ମୂଲ୍ୟର **୧୦%** ପରିବେଶ ସଂପର୍କିତ ପରିଚାଳନା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଚିହ୍ନିତ କରାଯାଇଛି।